# ପିପୁଲ୍ସ କଲେଜରେ ବିଶ୍ୱ ଘରଚଟିଆ ଦିବସ ଓ ପାଠଚକ୍ର




**ବୁଗୁଡା, ୨୦।୩/ଏନ୍ଏନ୍ଏସ୍:** ସ୍ଥାନୀୟ ପିପୁଲ୍ସ କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ସମ୍ମିଳନୀ କକ୍ଷରେ ବିଶ୍ୱ ଘରଚଟିଆ ଦିବସ ପାଳନ ସହ ପାଠଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପାଠଚକ୍ରର ଶୀର୍ଷକ 'ଫୁଡ୍ ହ୍ୟାବିଟ୍ସ ଏଣ୍ଡ ରେସପନ୍ସ ଅଫ୍ ହାଉସ୍ ସ୍ପାରୋ ଟୁଓ୍ୱାର୍ଡସ୍ ଆର୍ଟିଫିସିଅଲ୍ ଫିଡିଙ୍ଗ୍ ଷ୍ଟେସନ' ରହିଥିଲା । କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଢୁଙ୍କାପଡା ହାଇସ୍କୁଲ ଶିକ୍ଷକ ଡ.ଉମାକାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ, ଆଇକ୍ୟୁଏସି କୋଅର୍ଡିନେଟର ସୁଶାନ୍ତ କୁମାର ସାହୁ, ସେମିନାର ଇନଚାର୍ଜ ଅଧ୍ୟାପିକା ରଶ୍ମିତା ପଟ୍ଟନାୟକ ଯୋଗଦେଇ ବିଶ୍ୱର ନିଆରା ଚିଢି ଚଢେଇ 'ଘରଚଟିଆ' ଏବେ ପରିବର୍ତ୍ତିତ ପରିବେଶରେ ବିଲୁପ୍ତ ପ୍ରାୟ ଅବସ୍ଥାକୁ ଚାଲିଆସିଥିବା ବେଳେ ତାହାର ସୁରକ୍ଷା ତଥା ବଂଶରକ୍ଷା ଦିଗରେ ମାନବ ସମାଜ କିଭଳି ପଦକ୍ଷେପ ଗ୍ରହଣ କରିବା ବିଧେୟ ସେନେଇ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଭାଗୀୟ ଡେମୋନଷ୍ଟ୍ରେଟର୍ ରାମକୃଷ୍ଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଛାତ୍ରୀ ଶ୍ୱେତାଙ୍ଗନା ଖାଡଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପିକା କ୍ରିଷ୍ଣା କୁମାରୀ ବାର୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ପ୍ରତୀକ୍ଷା ସାହୁ ଓ ମଧୁସ୍ମିତା ପ୍ରଧାନ ପରିଚାଳନା କରିଥିବା ବେଳେ ଏଥିରେ ବିଏରର୍ ଯତନ ନାୟକ ସକ୍ରିୟ ସହଯୋଗ କରିଥିଲେ ।

# ପିଏମ୍ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଫୁଲବାଣୀ, ୨୦।୩/ଏନ୍ଏନ୍ଏସ୍:** ସ୍ଥାନୀୟ ପିଏମ୍ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଦ୍ୱିତୀୟ ପିଏମ୍ଶ୍ରୀ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମହାଆଡ଼ମ୍ବର ସହିତ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ମୀନା କୁମାର ଦିଗାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମାନସ ରଂଜନ ଦାସ, ଫୁଲବାଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଂଜନ କୁମାର କହଁର ଏବଂ ମୁଖ୍ୟବକ୍ତା ଭାବେ ସ୍ନାତକ ମହାବିଦ୍ୟାଳୟ ବୌଦ୍ଧର ପ୍ରାଧାପିକା ଜ୍ୟୋତିର୍ମୟୀ କହଁର , ୧୨ ନମ୍ବର ୱାର୍ଡ଼ର କାଉନସିଲର ବନଜା ପଟ୍ଟନାୟକ, ପୁରାତନ ଛାତ୍ରୀ ସଂଗଠନ ସଭାପତି ବୀଣାପାଣି ପ୍ରଧାନ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗାୟତ୍ରୀ ମହାରଣା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଛାତ୍ରୀ ମାନଙ୍କ ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାନାରେ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ଓ ବହୁ ଅଭିଭାବକ ଉପସ୍ଥିତ ଥିଲେ ।

# ଯୁବମୋର୍ଚ୍ଚା ଘୁମୁସର (ଆସିକା) ସାଙ୍ଗଠନିକ ଜିଲ୍ଲାର ସଭାପତି ହେଲେ ଅଜିତ୍

**ଆସିକା, ୨୦।୩/ଏନ୍ଏନ୍ଏସ୍:** ଭାରତୀୟ ଜନତା ଯୁବ ମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି । ଭାରତୀୟ ଜନତା ଯୁବ ମୋର୍ଚ୍ଚା ଘୁମୁସର (ଆସିକା) ସାଙ୍ଗଠନିକ ଜିଲ୍ଲାର ସଭାପତି ରୂପେ ସୁସଂଗଠକ ତଥା ଦଳର ଶୃଙ୍ଖଳିତ କର୍ମୀ ଅଜିତ୍ ପଣ୍ଡାଙ୍କୁ ମନୋନୀତ କରାଯାଇଥିବାରୁ ଶୁଭେଚ୍ଛୁ ଓ ସମର୍ଥକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଥିବା ଦେଖିବାକୁ ମିଳୁଛି । ଯୁବମୋର୍ଚ୍ଚା ଘୁମୁସର (ଆସିକା) ସାଙ୍ଗଠନିକ ଜିଲ୍ଲାର ସଭାପତି ରୂପେ ନିଯୁକ୍ତି ପାଇଥିବା ସୁସଂଗଠକ ଅଜିତ୍ ପଣ୍ଡାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟୁଥିବା ଦେଖିବାକୁ ମିଳୁଛି । ଯୁବ ମୋର୍ଚ୍ଚା ଘୁମୁସର (ଆସିକା) ସାଙ୍ଗଠନିକ ଜିଲ୍ଲାର ସଭାପତି ରୂପେ ନିଯୁକ୍ତି ପାଇଥିବା ସୁସଂଗଠକ ଅଜିତ୍ ପଣ୍ଡା ଏହି ନିଯୁକ୍ତି ପାଇଁ ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ, ସାଧାରଣ ସଂପାଦକ ମାନସ ମହାନ୍ତି, ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ବିଜେପି ଘୁମୁସର (ଆସିକା) ଜିଲ୍ଲା ସାଙ୍ଗଠନିକ ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ ଓ ସାଧାରଣ ସଂପାଦକ ଯଜ୍ଞନାରାୟଣ ଦାଶ, ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ସୂର୍ଯ୍ୟନାରାୟଣ ଦାଶ, ବିଜେପି ନେତା ଅନିଲ୍ କୁମାର ପଣ୍ଡା, ନାରାୟଣ ବେହେରାଙ୍କ ସମେତ ସମସ୍ତ ମନ୍ତ୍ରୀ, ବିଧାୟକ, ଦଳୀୟ ନେତାଙ୍କୁ କୃତଜ୍ଞତା ଜଣାଇବା ସହ ଯୁବମୋର୍ଚ୍ଚାର ସଂଗଠନକୁ ଆହୁରି ସୁଦୃଢ କରିବା ପାଇଁ ସମସ୍ତଙ୍କ ସହଯୋଗ, ମାର୍ଗଦର୍ଶନ, ଉପଦେଶ ଓ ପ୍ରେରଣା କାମନା କରିଥିବା ଜଣାପଡିଛି । ଯୁବ ମୋର୍ଚ୍ଚା ଘୁମୁସର (ଆସିକା) ସାଙ୍ଗଠନିକ ଜିଲ୍ଲାର ସଭାପତି ରୂପେ ନିଯୁକ୍ତି ପାଇଥିବା ସୁସଂଗଠକ ଅଜିତ୍ ପଣ୍ଡା ଦୀର୍ଘ ବର୍ଷ ଧରି ଦଳର ସାଙ୍ଗଠନିକ କାର୍ଯ୍ୟରେ ସକ୍ରିୟ ରହି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁ ରୂପେ ସଂପାଦନ କରିଆସୁଥିବା ଦେଖିବାକୁ ମିଳୁଛି । ଭାରତୀୟ ଜନତା ପାର୍ଟିର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନସେବା କରିବା ଲକ୍ଷ୍ୟରେ ରାଜନୀତିରେ ପାଦ ଥାପିଥିବା ସୁସଂଗଠକ ଅଜିତ୍ ପଣ୍ଡା ଦୀର୍ଘ ବର୍ଷ ଧରି ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ ରହି ଦଳୀୟ ସଂଗଠନକୁ ସୁଦୃଢ କରିବା ସାଙ୍ଗକୁ ଲୋକଙ୍କ ସୁଖଦୁଃଖରେ ସାମିଲ୍ ହେଉଥିବା ଦେଖିବାକୁ ମିଳୁଛି ।



# ଗୋପାଳପୁର ବନ୍ଦରରେ ୫୫ତମ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ

**ଛତ୍ରପୁର, ୨୦।୩/ଏନ୍ଏନ୍ଏସ୍:** 'ସୁରକ୍ଷା ଅଭିଯାନରେ ଲୋକମାନଙ୍କୁ ଯୋଡିବା ଏବଂ ସଚେତନ ସହ ସଶକ୍ତ କରିବା' ବିଷୟକୁ ନେଇ ୫୫ତମ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ଗୋପାଳପୁର ବନ୍ଦର ପରିସରରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଗତ ୫ ମାର୍ଚ୍ଚ ତାରିଖରେ ଗୋପାଳପୁର ବନ୍ଦରର ବହୁ ଅଧିକାରୀ ଓ ଶତାଧିକ ଶ୍ରମିକଙ୍କୁ ନେଇ ସୁରକ୍ଷା ପତାକା ଉତ୍ତୋଳନ କରାଯାଇ ସପ୍ତାହବ୍ୟାପୀ ଆୟୋଜିତ ହେବାକୁ ଥିବା ବିଭିନ୍ନ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ବିଦ୍ଧିବଦ୍ଧ ଭାବେ ଆରମ୍ଭ କରାଯାଇ ୧୧ ମାର୍ଚ୍ଚରେ ସମାପନ କରାଯାଇଥିଲା ।




ସୁରକ୍ଷା ମାସ ପାଳନ ଅବସରରେ, ବନ୍ଦରର କର୍ମଚାରୀମାନଙ୍କ ସହିତ ସେମାନଙ୍କ ପରିବାରର ସଦସ୍ୟମାନେ ବିଭିନ୍ନ ଆକର୍ଷଣୀୟ ଏବଂ ସୂଚନାପ୍ରଦ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ମଧ୍ୟରୁ ସୁରକ୍ଷା ସମ୍ପର୍କିତ କୁଇଜ ପ୍ରତିଯୋଗିତା, ପୋଷ୍ଟର ତିଆରି ପ୍ରତିଯୋଗିତା ଏବଂ ପଥପ୍ରାନ୍ତ ନାଟକ ଅନ୍ତର୍ଭୁକ୍ତ ଥିଲା, ଯାହାର ଲକ୍ଷ୍ୟ ଥିଲା ନିରାପଦ କାର୍ଯ୍ୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ସହ କର୍ମକ୍ଷେତ୍ରରେ ସୁରକ୍ଷା ପ୍ରତି ସାମୂହିକ ଦାୟିତ୍ୱକୁ ସର୍ବୋପରି ମଣିବା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ସମାପନ ଉତ୍ସବରେ ପୁରସ୍କାର ପ୍ରଦାନ କରାଯାଇଥିଲା । ସମାପନ ଉତ୍ସବରେ ଛତ୍ରପୁର ଉପ ଜିଲ୍ଲାପାଳ ସିବାସିଷ ବରାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାବେଶକୁ ସମ୍ବୋଧିତ କରି କହିଥିଲେ ଯେ ଶିଳ୍ପ କ୍ଷେତ୍ରରେ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ମୁଁ ଆଶା କରୁଛି ଗୋପାଳପୁର ବନ୍ଦର ପରିସରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ସୁରକ୍ଷା ନିୟମାବଳୀ ଓ ସୁରକ୍ଷାମୂଳକ ପଦକ୍ଷେପ ଗୁଡିକୁ ଦୃଢତାର ସହ ପାଳନ କରିବା ସହ ସୁରକ୍ଷା ସମ୍ପର୍କିତ ପ୍ରଯୁକ୍ତି ବିଦ୍ୟାକୁ ବହୁଳ ଭାବେ ବ୍ୟବହାର କରିବା ଉଚିତ । ଗୋପାଳପୁର ବନ୍ଦର ସର୍ବଦା ସୁରକ୍ଷାକୁ ଏକ ପ୍ରମୁଖ ବିଷୟ ଭାବରେ ପ୍ରାଥମିକତା ଦେଇଆସୁଛି ଏବଂ ସମସ୍ତ କର୍ମଚାରୀମାନଙ୍କ ପାଇଁ ଏକ ନିରାପଦ କାର୍ଯ୍ୟ ପରିବେଶ ବଜାୟ ରଖିବା ଏହାର ମୂଳ ଲକ୍ଷ୍ୟ ଅଟେ ବୋଲି ଗୋପାଳପୁର ବନ୍ଦର ବିଜିନେସ ମୁଖ୍ୟ ଶ୍ରୀ ପ୍ରଶାନ୍ତ ପାତ୍ର କହିଥିଲେ । ଏହି ଅବସରରେ ଗୋପାଳପୁର ବନ୍ଦରର ବିଭିନ୍ନ ବିଭାଗର ଅଧିକାରୀମାନେ ସୁରକ୍ଷା ସହ ଶୃଙ୍ଖଳାଗତ କାର୍ଯ୍ୟନିର୍ବାହ ଉପରେ ବିଶେଷ ଧ୍ୟାନ ଦେଇଥିଲେ । କାର୍ଯ୍ୟ କ୍ଷେତ୍ରରେ ସର୍ବୋଚ୍ଚ ସୁରକ୍ଷା ମାନଦଣ୍ଡ କିପରି ବଜାୟ ରଖିବା ଉପସ୍ଥିତ ସମସ୍ତ ଶ୍ରମିକମାନଙ୍କୁ ପୁନଃ ଅବଗତ କରାଇଥିଲେ । ଗୋପାଳପୁର ବନ୍ଦର ସୁରକ୍ଷା ବିଭାଗର ଅଧିକାରୀମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରାଯାଇଥିଲା ।

# ବିଶ୍ୱ ଘର ଚଟିଆ ଦିବସ

**ବ୍ରହ୍ମପୁର, ୨୦।୩/ଏନ୍ଏନ୍ଏସ୍:** ମାର୍ଚ୍ଚ ମାସ କୋଡିଏ ତାରିଖ ବିଶ୍ୱ ଘର ଚଟିଆ ଦିବସ ଭାବେ ପାଳନ କରାଯାଉଛି । ଘର ଚଟିଆ ବଂଶ ସୁରକ୍ଷା ପାଇଁ ବିଭିନ୍ନ ଅନୁଷ୍ଠାନ ବର୍ଷ ବ୍ୟାପି ଅହରହ ଉଦ୍ୟମ ଚଳାଇଛନ୍ତି । ଗଞ୍ଜାମ ଜିଲ୍ଲା ଗୁଣ୍ଠବନ୍ଧ ଗ୍ରାମର ଆଞ୍ଚଳିକ ବିକାଶ ପରିଷଦ ଦୀର୍ଘ ତେର ବର୍ଷ ଧରି ଘର ଚଟିଆ ସୁରକ୍ଷା ପାଇଁ ଗଞ୍ଜାମ, ଗଜପତି ଓ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ସୁରକ୍ଷା ଓ ସଂରକ୍ଷଣ ଦିଗରେ କାର୍ଯ୍ୟକ୍ରମ କରିଆସୁଛି । ସଂରକ୍ଷଣ ଦ୍ୱାରା ସେମାନଙ୍କ ବଂଶ ବୃଦ୍ଧି ଘଟିଛି । ଆଜି ବିଶ୍ୱ ଘର ଚଟିଆ ଦିବସ ଉପଲକ୍ଷେ ଆଞ୍ଚଳିକ ବିକାଶ ପରିଷଦ ତରଫରୁ କୁକୁଡାଖଣ୍ଡି ବ୍ଲକ ଲାଞ୍ଜିଆ ଗ୍ରାମରେ ବିଶ୍ୱ ଘର ଚଟିଆ ଦିବସ ସଭାପତି ସାଗର କୁମାର ପାତ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଲୋକଙ୍କୁ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ ଲୋକଙ୍କୁ ବୁଝାଯାଇଛି । ପରିଷଦର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଗ୍ରାମବାସୀମାନଙ୍କୁ କୃତିମ ବାସ, ଖାଦ୍ୟ ସ୍ଥଳୀ ଓ ପକ୍ଷୀପଶୁଙ୍କ ତୃଷ୍ଣା ନିବାରଣ ନିମନ୍ତେ ପାଣି ପାତ୍ର ବଣ୍ଟନ କରାଯିବା ସଙ୍ଗେ ସଙ୍ଗେ ଲୋକଙ୍କ ଦୁଆର ମୁହଁରେ କୃତିମ ବସା ସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବିଜେନ୍ଦ୍ର ମାଝୀ, କୋଷାଧ୍ୟକ୍ଷ ଧର୍ମରାଜ ପାତ୍ର, ନଳିନୀ କାନ୍ତ ପରିଡା, ଶ୍ରୀକାନ୍ତ ମହାନ୍ତି, ବନମାଳି ପ୍ରଧାନ, ଅରବିନ୍ଦ ଦେଶିବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ଅନୁଜା

**ବ୍ରହ୍ମପୁର, ୨୦।୩/ଏନ୍ଏନ୍ଏସ୍:** ନୂତନ ଭାବେ ଦାୟିତ୍ୱ ପାଇଥିବା ବିଜେପି ମହିଳା ଯୁବମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ଅନୁଜା ନନ୍ଦ ବିଶ୍ୱାଳଙ୍କୁ ଭାରତୀୟ ଜନତା ପାର୍ଟି ତରଫରୁ ବହୁ ମହିଳା କାର୍ଯ୍ୟକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି । ଆଗାମୀ ଦିନରେ ମହିଳା ମୋର୍ଚ୍ଚା ସଂଘଠନକୁ ସୁଦୃଢ କରିବା ଲାଗି ସେ ରାଜ୍ୟ ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ସହ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାଙ୍କ ପରାମର୍ଶ ଓ ସହଯୋଗ ନେଇ କାମ କରିବେ ବୋଲି ଅନୁଜା କହିଛନ୍ତି । ବର୍ତ୍ତମାନ ତାଙ୍କୁ ଏପରି ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସେ ରାଜ୍ୟସଭା ସାଂସଦ ତଥା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ସଂଘ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ଖଣି ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଏବଂ ଜିଲ୍ଲା ସଭାପତି ସରୋଜ ସାବତ ଏବଂ ଅନ୍ୟାନ୍ୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି । ସୂଚନାଯୋଗ୍ୟ ଅନୁଜା ଏହା ପୂର୍ବରୁ ଗଞ୍ଜାମ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ କାର୍ଯ୍ୟକରି ବିଜେପି ସଂଗଠନକୁ ଆଗକୁ ନେବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା କିପରି ଲୋକଙ୍କ ନିକଟରେ ପହଞ୍ଚିପାରିବ ସେଥି ଲାଗି ବହୁ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇପାରିଥିଲେ । ଆଗକୁ ମଧ୍ୟ ପାର୍ଟିର ନିୟମ ମୁତାବକ ସମସ୍ତ କାଯ୍ୟ ଜାରି ରଖିବେ ବୋଲି ଅନୁଜା କହିଛନ୍ତି । ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ଓ ବିକାଶର ଧାରା ତାଙ୍କୁ ଆହୁରି ଭଲ ମାର୍ଗ ଦେଖାଇବ ବୋଲି ସେ କହିଛନ୍ତି ।



# ବଳରାମପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପୁରୁଷୋତ୍ତମପୁର, ୨୦।୩/ଏନ୍ଏନ୍ଏସ୍:** ବଡଖରିଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଳରାମପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହେଇଯାଇଛି । ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରତିନିଧି ରମେଶ ଚନ୍ଦ୍ର ଦଳେଇ, ବିଦ୍ୟାଳୟର ସଭାପତି ନଳିନୀ ପାଢୀ, ବିଦ୍ୟାଳୟର ପ୍ରମୁଖ ସହଯୋଗୀ ସୀତାରାମ ପାଢୀ, ଭୁତସରସିଙ୍ଗି କ୍ଲଷ୍ଟର ସିଆରସିସି କାଳୀ ଚରଣ ଗୌଡ, ବାଘଲା କ୍ଲଷ୍ଟର୍ ସିଆରସିସି ସୁଶାନ୍ତ କୁମାର ପଲେଇ, ସ୍ୱେଚ୍ଛାସେବୀ ଜଗନ୍ନାଥ ପାଣିଗ୍ରାହୀ, କମିଟି ସଦସ୍ୟ ଚିତ୍ରସେନ ଗୌଡ, ଅଶ୍ୱିନୀ ଗୌଡ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନୁପ କୁମାର ଦାସ, ଶିକ୍ଷକ ନିରଞ୍ଜନ ତ୍ରିପାଠୀ, ହରିଶ୍ଚନ୍ଦ୍ର ହେମ୍ବ୍ରମ, ସୁପ୍ରଭା ଦଣ୍ଡସେନା, ଇତିଶ୍ରୀ ପଣ୍ଡା ସହଯୋଗ କରିଥିଲେ । ଏହି ଅବସରରେ ନୃତ୍ୟ ନିର୍ଦ୍ଦେଶକ ନାଗେଶ୍ୱର ସୁବୁଦ୍ଧିଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ନୃତ୍ୟ ପ୍ରଦର୍ଶନ କରିଥିଲେ । ତତ୍ ସହିତ ବିଖ୍ୟାତ ନାଟ୍ୟ ନିର୍ଦ୍ଦେଶକ ରଞ୍ଜନ କୁମାର ବିଶୋଇ ଏବଂ କାଳୀ ଚରଣ ଗୌଡଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ନାଟକ 'ଶ୍ରବଣ କୁମାର' ପ୍ରଦର୍ଶନ କରିବା ସହ ପୁରାତନ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଦକ୍ଷ କଳାକାରମାନଙ୍କ ଦ୍ୱାରା 'ରାମ ବନବାସ' ନାଟକ ପ୍ରଦର୍ଶିତ ହୋଇଥିଲା । ଶେଷରେ ବିଆରସିସି ବିଜୟ କୁମାର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତ ବତ୍ସଳ ଜାନୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଛାତ୍ରଛାତ୍ରୀମାନେ ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବା ସହିତ ସମାଜରେ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ ।



# ସମାଜସେବୀ କୁନା ସାହୁଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ

**ପୁରୁଷୋତ୍ତମପୁର, ୨୦।୩/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ମୋଡାବାଇ ଗ୍ରାମର ସ୍ୱର୍ଗତ ରଘୁନାଥ ସାହୁଙ୍କ ୨ୟ ପୁତ୍ର ବ୍ୟବସାୟୀ ପରୋପକାରୀ କୁନା ସାହୁଙ୍କ ଦ୍ୱାଦଶାହ ଦିବସରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ସାଂସଦ, ପ୍ରଶାସନିକ ଅଧିକାରୀ, ପୁଲିସ, ବୁଦ୍ଧିଜୀବୀ, ଆଇନଜୀବୀ, ବ୍ୟବସାୟୀ, କର୍ମୀ, ପୁରୁଷୋତ୍ତମପୁର ବ୍ଲକ ଅଧ୍ୟକ୍ଷ, ପୋଲସରା ଏନଏସିର ପୂର୍ବତନ ଅଧ୍ୟକ୍ଷ, ଖଲ୍ଲିକୋଟ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ, ପୋଲସରା ପୂର୍ବତନ ବିଧାୟକ, ପୁରୁଷୋତ୍ତମପୁର ତହସିଲଦାର, ବିଡ଼ିଓ ଏସ୍ଡିପିଓ, ଆଇଆଇସି, ୨୬ ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ପ୍ରମୁଖ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତି ଚାରଣ କରିଥିଲେ । ସେ ଜଣେ ପରୋପକାରୀ, ସମାଜସେବୀ ବ୍ୟକ୍ତି ଭାବେ ପରିଚିତ ଥିଲେ । ତାଙ୍କ ଅକାଳ ବିୟୋଗରେ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗଙ୍କ ସହିତ ଉପସ୍ଥିତ ବ୍ୟକ୍ତି ବିଶେଷ ମାନେ ଦୁଃଖ ପ୍ରକାଶ କରିଥିଲେ । ସ୍ୱର୍ଗତ କୁନା ହେଉଛନ୍ତି ପୂର୍ବତନ ସିଏଚ୍ ନୂଆଗା ସମିତି ସଭ୍ୟ, ଯୁବନେତା ତଥା ବ୍ୟବସାୟୀ ଓ ସମାଜସେବୀ ନିର୍ମଳ ଚନ୍ଦ୍ର ସାହୁଙ୍କ ବଡ ଭାଇ ।

ଅନ୍ୟ ପାଞ୍ଚ ଭାଇଙ୍କ ମଧ୍ୟରୁ ବଡ଼ ଭାଇ ସୋମନାଥ ସାହୁ, ଦ୍ୱିତୀୟ ଭାଇ ପ୍ରଫୁଲ ସାହୁ, ତୃତୀୟ ଭାଇ ଦିଲ୍ଲୀପ ସାହୁ, ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁର୍ଘଟଣାରେ କଲେଜ ଛାତ୍ରୀ ମୃତ, ୩ ଗୁରୁତର

**ହିଞ୍ଜିଳିକାଟୁ, ୨୦।୩/ଏନ୍ଏନ୍ଏସ୍:** ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ପିତଳ ଛକରେ ଶୁକ୍ରବାର ବାଇକ୍ ପଛକୁ ବାଇକ୍ ଧକ୍କା ଘଟି ୩ ଜଣ ଗୁରୁତର ଆହତ ହୋଇଛନ୍ତି । ଅନ୍ୟ ପକ୍ଷରେ ଗାଁ କୁ ଫେରିବା ଲାଗି ପିତଳ ଛକରେ ଗାଡିକୁ ଅପେକ୍ଷା କରିଥିବା ଜଣେ କଲେଜ ଛାତ୍ରୀଙ୍କୁ ବାଇକ୍ ଧକ୍କା ଦେବାରୁ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ମୃତକା ଜଣଙ୍କ ହେଲେ ହିଞ୍ଜିଳି ଥାନା ପିତଳ ଗ୍ରାମର ବର୍ଷା ପ୍ରଧାନ (୧୮) ଓ ଗୁରୁତର ଆହତମାନେ ହେଲେ କବିସୂର୍ଯ୍ୟନଗର ଥାନା ଗାଗନାପୁର ଗ୍ରାମର ଯୋଗେନ୍ଦ୍ର ପାତ୍ର (୨୮), ଶେରଗଡ ଥାନା କୁରୁଳା ଗ୍ରାମର ଧର୍ମେନ୍ଦ୍ର ବେହେରା (୩୩) ଓ ଖଲ୍ଲିକୋଟ ଥାନା ନାଇକାଣିପଲ୍ଲୀ ଗ୍ରାମର ଶିବାନନ୍ଦ ମହାରଣା (୨୪) । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଆହତଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସାଧିନ ସମୟରେ କଲେଜ ଛାତ୍ରୀଙ୍କ ଅକାଳ ମୃତ୍ୟୁ ଘଟିଛି ।

ସୂଚନା ମୁତାବକ, ଶୁକ୍ରବାର ସକାଳେ ଯୋଗିନ୍ଦ୍ର ଓ ଧର୍ମେନ୍ଦ୍ର ବାଇକ (ଓଡି୦୭ଏଟି ୪୦୫୨) ଯୋଗେ ଗାଗନାପୁର ଗ୍ରାମରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ । ହିଞ୍ଜିଳି ଥାନା ପିତଳ ଛକ ନିକଟରେ ଜଳଖିଆ ଖାଇବା ପରେ ବାଇକ୍ ଷ୍ଟାର୍ଟ କରି ଯିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଫୁଲବାଣୀ ଠାରୁ ଶିବାନନ୍ଦ ମହାରଣା ବାଇକ୍ (ଓଡି୧୨ଇ ୮୦୦୫) ଯୋଗେ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ । ପିତଳ ଛକ ନିକଟରେ ଭାରସାମ୍ୟ ହରାଇ ସମ୍ମୁଖରେ ଥିବା ବାଇକକୁ ଧକ୍କା ଦେଇଥିଲେ । ? ଦୁର୍ଘଟଣାରେ ସମ୍ମୁଖରେ ଥିବା ବାଇକ୍ ଚାଳକ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଗାଡିକୁ ଅପେକ୍ଷା କରିଥିବା କଲେଜ ଛାତ୍ରୀ ବର୍ଷାଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ୨ବାଇକ୍ ଚାଳକ, ସାଥି ଓ ଯୁବତୀ ଜଣଙ୍କ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଆହତଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସାଧିନ ସମୟରେ ବର୍ଷାଙ୍କ ମୃତ୍ୟୁ ଘଟିଛି । ଖବର ପାଇ ହିଞ୍ଜିଳି ପୁଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ମୋଟର ସାଇକେଲକୁ ଜବତ କରିବା ସହ ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରିବା ସହ ଘଟଣାର ତଦନ୍ତ ଚଳାଇଛି । ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇନଥିବା ଜଣାପଡିଛି ।

## କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର

# ଉନ୍ନୟନ କାମର ତଥ୍ୟ ପ୍ରଦାନ କରୁନଥିବା ଅଭିଯୋଗ

**ରଙ୍ଗେଇଲୁଣ୍ଡା, ୨୦।୩/ଏନ୍ଏନ୍ଏସ୍:** ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଠାର ସିଂ ପଞ୍ଚାୟତରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କୈଣସି ତଥ୍ୟ ପଞ୍ଚାୟତର ନିର୍ବାଚିତ ୱାର୍ଡ ସଭ୍ୟଙ୍କୁ ପ୍ରଦାନ କରାଯାଉନଥିବା ନେଇ ଅଭିଯୋଗ ହୋଇଛି । ୱାର୍ଡସଭ୍ୟମାନେ ଏନେଇ ଗଞ୍ଜାମ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ତଦନ୍ତ କରିବାକୁ ନିବେଦନ କରିଛନ୍ତି । ଅଭିଯୋଗ ଅନୁଯାୟୀ କୋଠାର ସିଂ ପଞ୍ଚାୟତରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ କୈଳାଶ ପାତ୍ର ପଞ୍ଚାୟତକୁ ସଠିକ୍ ଭାବେ ଆସୁନଥିବା ସହ ପଞ୍ଚାୟତରେ ହେଉଥିବା ପଞ୍ଚାୟତ ବୈଠକରେ ମଧ୍ୟ ଅନୁପସ୍ଥିତ ରହୁଛନ୍ତି । ଯାହାଫଳରେ ୱାର୍ଡ ସଭ୍ୟମାନେ ସେମାନଙ୍କ ପଞ୍ଚାୟତ ୱାର୍ଡରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ କାର୍ଯ୍ୟ ନେଇ କୈଣସି ସଠିକ ସୂଚନା ପାଇ ପାରୁନଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଏହା ସହ ପଞ୍ଚାୟତରେ ହେଉଥିବା ବିଭିନ୍ନ କାମ ସମ୍ପୂର୍ଣ୍ଣ ହେବା ପରେ ମଧ୍ୟରେ ସେଠାରେ ସୂଚନା ଫଳକ ଲଗାଯାଉନି । ଯାହାଫଳରେ ଅଞ୍ଚଳବାସୀ ଯୋଜନା ନେଇ ସୂଚନା ପାଇ ପାରୁନାହାଁନ୍ତି । ଏପରିକି କାମ ମଧ୍ୟ ଠିକ୍ ଭାବେ ହେଉନଥିବା ସହ ଅନେକ ଯୋଜାନ ବାଟମାରଣା କରାଯାଉଥିବା ନେଇ ୱାର୍ଡ ସଭ୍ୟ ଏନ୍. ନିମାୟ୍ରା ରେଡ୍ଡୀ, କେ. ନନ୍ଦିନୀ ରେଡ୍ଡୀ, କେ. ଧର୍ମରାଜୁ ବେହେରା, ଜି. ଧର୍ମା ରେଡ୍ଡୀ, ବି. ପାର୍ବତୀ, କେ. ଜାନକୀ ଆମ୍ମା, ଚିନି ଉମା, ପି. ସିମାଦ୍ରୀ, ଏମ୍. ସୂର୍ଯ୍ୟା, ଟି. ସନ୍ତୋଷୀ ରେଡ୍ଡୀ ପ୍ରମୁଖ ଅଭିଯୋଗ କରିଛନ୍ତି । ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି ।

# ଭାଗ୍ୟଶ୍ରୀଙ୍କୁ କଳିଙ୍ଗ ସେବାରତ୍ନ ପୁରସ୍କାରରେ ସମ୍ମାନିତ

**ଆସିକା, ୨୦।୩/ଏନ୍ଏନ୍ଏସ୍:** ଆସିକା ପ୍ରଧାନ ଡାକଘରର ପୋଷ୍ଟମ୍ୟାନ୍ ଭାଗ୍ୟଶ୍ରୀ ମାରାଣ୍ଡି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ କଳିଙ୍ଗ ସେବାରତ୍ନ ସମ୍ମାନ-୨୦୨୬ରେ ସମ୍ମାନିତ ହେବା ଆସିକା ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ବିଷୟ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଥିବା ଲକ୍ଷ୍ୟ କରାଯାଇଛି । ଡାକସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ପୋଷ୍ଟମ୍ୟାନ୍ ଭାଗ୍ୟଶ୍ରୀ ମାରାଣ୍ଡି ଏହି ସମ୍ମାନ ପାଇଥିବା ଜଣାପଡିଛି । ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଆୟୋଜିତ ତୃତୀୟ ରାଜ୍ୟସ୍ତରୀୟ କଳିଙ୍ଗ ସେବାରତ୍ନ ଓ ଗୁରୁରତ୍ନ ସମ୍ମାନ ପ୍ରଦାନ ଉତ୍ସବରେ ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ପୋଷ୍ଟମ୍ୟାନ୍ ଭାଗ୍ୟଶ୍ରୀ ମାରାଣ୍ଡି ଏହି କଳିଙ୍ଗ ସେବାରତ୍ନ ପୁରସ୍କାର ପାଇଥିବା ଜଣାପଡିଛି । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ କଳିଙ୍ଗ ସେବାରତ୍ନ ପୁରସ୍କାରରେ ସମ୍ମାନିତ ହୋଇଥିବା ଆସିକା ପ୍ରଧାନ ଡାକଘରର ପୋଷ୍ଟମ୍ୟାନ୍ ଭାଗ୍ୟଶ୍ରୀ ମାରାଣ୍ଡିଙ୍କ ଏହି ସଫଳତା ଆସିକା ଡାକବିଭାଗ ପାଇଁ ଏକ ଉଲ୍ଲେଖନୀୟ ସଫଳତା ଆଣିଛି ବୋଲି ସଚେତନ ନାଗରିକ ମହଲରେ ଚର୍ଚ୍ଚା ହେଉଛି । ରାଜ୍ୟର ବିଭିନ୍ନ ସେବା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଧରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଆସୁଛି । ରାଜ୍ୟସ୍ତରୀୟ ଉତ୍ସବରେ କଳିଙ୍ଗ ସେବାରତ୍ନ ପୁରସ୍କାରରେ ସମ୍ମାନିତ ହୋଇଥିବା ଆସିକା ପ୍ରଧାନ ଡାକଘରର ପୋଷ୍ଟମ୍ୟାନ୍ ଭାଗ୍ୟଶ୍ରୀ ମାରାଣ୍ଡିଙ୍କୁ ଆସିକା ଡାକ ଅଧୀକ୍ଷକ ଲେଫ୍ଟେନାଣ୍ଟ କର୍ଣ୍ଣେଲ୍ ଦିଲୀପ କୁମାର ବେହେରା, ସହକାରୀ ଡାକ ଅଧୀକ୍ଷକ (ମୁଖ୍ୟାଳୟ) ପରମାନନ୍ଦ କଣ୍ଡୁ, ଭଞ୍ଜନଗର ଡାକ ଅଧୀକ୍ଷିକା କିରଣମାଳା ପଣ୍ଡା, ଆସିକା ପୂର୍ବଖଣ୍ଡ ଡାକ ନୀରିକ୍ଷକ ରଘୁନାଥ ନାୟକ, ଆସିକା ହେଡ୍ ପୋଷ୍ଟମାଷ୍ଟର ମହାକାଳ ନାୟକ, ଭଂଜନଗର ହେଡ୍ ପୋଷ୍ଟମାଷ୍ଟର ଜିତେନ୍ଦ୍ର କୁମାର ସ୍ୱାଇଁ, ଡାକ ଜୀବନବୀମା ଉନ୍ନୟନ ଅଧିକାରୀ ଦୀପକ ରଂଜନ ପାଣିଗ୍ରାହୀ, ବ୍ୟବସାୟିକ କାର୍ଯ୍ୟନିର୍ବାହୀ ବିଷ୍ଣୁ ପ୍ରସାଦ ସେଠୀ, ଆସିକା ଡାକମଣ୍ଡଳ କାର୍ଯ୍ୟାଳୟର ଷ୍ଟେନୋଗ୍ରାଫର୍ ଅନୁପ କୁମାର ପାଣିଗ୍ରାହୀ, ଜାତୀୟ ଡାକ କର୍ମଚାରୀ ସଂଘର ସଂପାଦକ ଅକ୍ଷୟ କୁମାର ବେହେରା, ଅଖିଳ ଭାରତୀୟ ଡାକ କର୍ମଚାରୀ ସଂଘର ସଂପାଦକ ରବିନାରାୟଣ ଚୌଧୁରୀ, ପୋଷ୍ଟମ୍ୟାନ୍ ସଂଘ ସଂପାଦକ ସନ୍ତୋଷ କୁମାର ସାହୁ ଓ ଅନଙ୍ଗ କୁମାର ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କର୍ମକ୍ଷେତ୍ରରେ ଉତ୍ତରୋତ୍ତର ଉନ୍ନତି କାମନା କରିଥିବା ଜଣାପଡିଛି ।



# ବୁଲା କୁକୁର ଆକ୍ରମଣରେ ସାଇକେଲ୍ ଚାଳକ ଆହତ

**ବୁଗୁଡ଼ା, ୨୦।୩/ଏନ୍ଏନ୍ଏସ୍:** ବୁଲା କୁକୁର ଆକ୍ରମଣରେ ବୁଗୁଡ଼ା ବ୍ଲକ ଗୋଳିଆ ପଞ୍ଚାୟତ ଅନ୍ତର୍ଗତ ଲେମ୍ବୁ ବଗିଚା ଗ୍ରାମର ଉତ୍ତମ ସାହୁ(୨୦) ଆହତ ହୋଇଛନ୍ତି । ଉତ୍ତମ ବୁଗୁଡ଼ାର ଏକ ଇଲେକ୍ଟ୍ରି ଦୋକାନରେ କାମ କରୁଥିବା ବେଳେ ପ୍ରତିଦିନ ଭଳି ବୁଧବାର ରାତିରେ କାମ ସାରି ସାଇକଲ ଯୋଗେ ଗାଁକୁ ଫେରୁଥିବା ବେଳେ ଚଢିଆପଲ୍ଲୀ ଗାଁ ଛକ ନିକଟରେ ଦଳେ ବୁଲା କୁକୁର ତାଙ୍କୁ ଘେରି ଯାଇଥିଲେ । କୁକୁର ପଲ କବଳରୁ ବର୍ତ୍ତିବା ପାଇଁ ସେ ଗୋଡ଼ ଦୁଇଟିକୁ ଉପରକୁ ଟେକି ଦେବାରୁ ସେ ଭାରସାମ୍ୟ ହରାଇ ସାଇକଲରୁ ଖସି ତଳେ ମୁହଁମାଡି ପଡିଯାଇଥିଲେ । କୁକୁର ପଲ ତାଙ୍କ ଉପରକୁ ଝାମ୍ପି ପଡିବା ଦେଖି ସ୍ଥାନୀୟ ଲୋକେ ହୋହାଲ୍ଲା କରିବାରୁ ସେମାନେ ଦୌଡି ପଳାଇଥିଲେ । ଘଟଣା ସ୍ଥଳରେ ଖଣ୍ଡିଆ ଖାବରା ହୋଇ ଅଚେତ ଅବସ୍ଥାରେ ପଡ଼ିଥିବା ଉତ୍ତମଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ କ୍ଷ ପ୍ରାଥମିକ ଚିକିତ୍ସା ପରେ ଉତ୍ତମ ଏବେ ସୁସ୍ଥ ଥିବା ଜଣାପଡିଛି ।

